# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ ଡେଭଲପମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 12.07.2022 ରିଖ

ସମୟ – ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ପିଙ୍କି ସ୍ୱାଇଁ,
୪. ଶ୍ରୀ ବିପ୍ଳବ ବେହେରା,
୫. ଶ୍ରୀମତୀ ନମିତା ମହାପାତ୍ର

ଅଦ୍ୟ ତା 12.07.2022 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡେଭଲପମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ପ୍ଲାନିଂ ଉପବିଭାଗରେ ତିନି ଜଣ Asst. Town Planner ଅଛନ୍ତି । ଜନସାଧାରଣଙ୍କ ସୁବିଧା ପାଇଁ ତିନି ଗୋଟି ଜୋନ୍‌ର ଦାୟିତ୍ୱ ତିନି ଜଣ Asst. Town Planner ଙ୍କୁ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ସର୍ବକ୍ଷମା ଯୋଜନା ଅନୁଯାୟୀ ବହୁତ ସଂଖ୍ୟକ ଆବେଦନପତ୍ର ବିଚାରାଧୀନ ଅବସ୍ଥାରେ ରହିଅଛି । ସେସବୁକୁ ଅନୁଧାନ କରି ଯଥାଶୀଘ୍ର ବିହିତ ପଦକ୍ଷେପ ନେବାପାଇଁ City Planner ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଗତ ତା ୦୨.୦୬.୨୦୨୨ ରିଖ ନିର୍ଦ୍ଧାରଣ ସଂଖ୍ୟା-୧(୨) ରେ ଯେଉଁ ବିଲ୍ଡର୍ ମାନେ ଭୁବନେଶ୍ୱର ମହାନଗର ନିଗମରୁ NOC ନେଇନାହାଁନ୍ତି ସେମାନଙ୍କ ବିରୁଦ୍ଧରେ Certificate Case କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦ୍ ଅନୁଯାୟୀ ଆଜିର ବୈଠକରେ ନଗର ଯନ୍ତ୍ରୀ କହିଥିଲେ ଯେ, ଯେଉଁମାନେ NOC ନେଇନାହାଁନ୍ତି ସେମାନଙ୍କର ତାଲିକା D.C Revenue ଙ୍କୁ ଦିଆଯାଇଅଛି । ଏହା ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ତାହାର ତଥ୍ୟ ସହ ଆସନ୍ତା ମାସ ବୈଠକରେ D.C Revenue ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.20 ମିନିଟ୍ ସମୟରେ ସଭା ଭଂଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା 12.07.2022 ରିଖ